# ଭିଡିଓ, ସିସିଟିଭି ଫୁଟେଜ୍‌କୁ ନେଇ ତଦନ୍ତ

## ଭସାଣି ବେଳେ ଛୁରାମାଡ଼ରେ ନାବାଳକଙ୍କ ମୃତ୍ୟୁ ଘଟଣା

ନବରଙ୍ଗପୁର, ୧୬।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରରେ ସୋମବାର ମା’ ଦୁର୍ଗାଙ୍କ ଭସାଣି ବେଳେ ପୌର କାର୍ଯ୍ୟାଳୟ ନିକଟ ରାସ୍ତାରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ଛୁରାମାଡ଼ରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ନାବାଳକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛି। ତେଜାବ ହରିଜନ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ପୋଲିସ ପକ୍ଷରୁ ଭିଡିଓ ଏବଂ ସିସିଟିଭି ଫୁଟେଜ୍‌ଗୁଡିକ ଯାଞ୍ଚ କରାଯାଇ ତଦନ୍ତ ଜାରି ରହିଛି। ସାକ୍ଷ୍ୟ ପ୍ରମାଣଗୁଡ଼ିକ ସଂଗ୍ରହ କରାଯାଉଛି । ତେବେ ଏହି ଘଟଣାରେ ସମ୍ପୃକ୍ତ କେତେଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି । ଫେରାର ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି। ଏହି ଘଟଣା ପରେ ପୋଲିସ ଦଣ୍ଡାସିସାହି, ମେଦିରି ସାହି ଓ ବଡ଼ ହରିଜନ ସାହିରେ ପାଟ୍ରୋଲିଂ କଡ଼ାକଡ଼ି ଭାବେ ଜାରି ରଖିଛି।

ମୃତ ନାବାଳକ କିରନ ଗାଦବାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ନବରଙ୍ଗପୁର ପୋଲିସ ପକ୍ଷରୁ କେସ୍ ନମ୍ବର ୪୦୫/୨୪ ଏବଂ ୧୦୩(୧)/୩(୫)ବିଏନ୍‌ଏସ୍ ୨୦୨୩ ଅନୁଯାୟୀ ଏତଲା ରୁଜୁ କରାଯାଇଛି। ଏହି ହତ୍ୟା ଘଟଣାରେ ୭ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ନବରଙ୍ଗପୁର ସହରର ୭ଟି ଦୁର୍ଗାପୂଜା କମିଟିର ଏକାକାଳୀନ ମା’ଙ୍କ ଭସାଣି ଉତ୍ସବ ଚାଲିଥିଲା । ଭସାଣି ଯାତ୍ରା ସହର ଅତିକ୍ରମ କରିବାପରେ ନବରଙ୍ଗପୁର ସହରସ୍ଥିତ ପୌରପାଳିକା ନିକଟରେ ୨ ଗୋଷ୍ଠୀ ମଧ୍ୟରେ ପ୍ରଥମେ କୌଣସି ଏକ ଘଟଣାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇ ଏହା ହତ୍ୟାକାଣ୍ଡର ରୂପ ନେଇଥିଲା । ଗୋଟିଏ ଗୋଷ୍ଠୀର ଛୁରାମାଡ଼ରେ ନବରଙ୍ଗପୁର ଦଣ୍ଡାସିସାହିର କିରନ ଗାଦବା ନାମକ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ତେଜାବ ହରିଜନ ଗୁରୁତର ହୋଇଥିଲେ ।

# ୧ କୋଟି ପୁରସ୍କାର ଘୋଷିତ ମାଓବାଦୀ ଗିରଫ

ମାଲକାନଗିରି, ୧୬।୧୦(ଦୁର୍ଯ୍ୟୋଧନ ପାତ୍ର



ତେଲଙ୍ଗାନା ପୋଲିସ ଦ୍ୱାରା ୧ କୋଟି ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ବୁଧବାର ଗିରଫ ହୋଇଛନ୍ତି। ସେ ହେଲେ କଳ୍ପନା ଓରଫ ସୁଜାତା। ହାଇଦ୍ରାବାଦର ମେହବୁବନଗରରେ ଲୁଚି ରହିଥିବା ନେଇ ତେଲଙ୍ଗାନା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିବା ପରେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉକରି ସୁଜାତାଙ୍କୁ ଗିରଫ କରିଥିଲା। ତାଙ୍କୁ ତେଲଙ୍ଗାନା ପୋଲିସ ପଚରାଉଚରା କରୁଥିବା ବେଳେ ତାଙ୍କ ନିକଟରୁ ଅନେକ ତଥ୍ୟ ମିଳିପାରେ ବୋଲି ଅନୁମାନ କରାଯାଉଛି। ଉକ୍ତ ମହିଳା ମାଓବାଦୀ ଛତିଶଗଡ଼ର ବସ୍ତର ଅଞ୍ଚଳରେ ବହୁ ବଡ଼ ବଡ ଅପରାଧର ନେତୃତ୍ୱ ନେଇଥିବା କୁହାଯାଉଛି।

# ଡାବୁଗାଁରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ଡାବୁଗାଁ, ୧୬।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)– ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ରେଲିସାହିରେ ମା’ ଗଜଲକ୍ଷ୍ମୀ ପୂଜା ବୁଧବାରଠାରୁ ଆରମ୍ଭ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲାବେଳେ ବୁଧବାର ସକାଳୁ ମା’ଙ୍କ ବିଭିନ୍ନ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା । ଏଥିରେ ରଞ୍ଜିତ କୁମାର ଘରାଇ ଓ ତାଙ୍କ ଝିଅ ମଧୁସ୍ମିତା ଘରାଇ, କ୍ୱାଇଁ ନିହାର ରଞ୍ଜନ ମହାନ୍ତି ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୂଜକ ଭାବେ ଚୈତନ ଦାସ, ଚିନ୍ତାମଣି ମିଶ୍ରଙ୍କ ସମେତ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖଙ୍କ ସହଯୋଗରେ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ଦିନ ନିର୍ଦ୍ଧାରଣ ହେବା ପରେ ମା’ଙ୍କ ଭସାଣି ଦିନ ସ୍ଥିର ହେବ। ମା’ ଗଜଲକ୍ଷ୍ମୀ ପୂଜା କମିଟିର କେଶବ ରେଲି, ଜଗନ୍ନାଥ ରେଲି, ଲବ ରେଲି, ପାପନ୍ନା ରେଲି, ସୁରେନ୍ଦ୍ର ରେଲି, ଶୋଭା ରେଲି, ରାଜୁ ରେଲି, ତରଣୀ ରେଲି, ଗୋପୀ ରେଲି, ସୁଦର୍ଶନ ରେଲି, ଶଶୀ ରେଲି, ଜିତୁ ରେଲି, ରାବଣା ରେଲି ଓ ଅନ୍ୟମାନେ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି।



ଡାବୁଗାଁ ରେଲି ସାହିରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀ।

# ସାପ କାମୁଡ଼ାରେ ନାବାଳିକା ମୃତ

କାଳିମେଳା, ୧୬।୧୦(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତ ପେରୁବାଇ ଗ୍ରାମରେ ସାପ କାମୁଡ଼ାରେ ନାବାଳିକାଙ୍କର ମୃତ୍ୟୁ ହୋଇଛି। ମୃତ ନାବାଳିକା ଜଣଙ୍କ ପେରୁବାଇ ଗ୍ରାମ କସା ମାଡ଼ିଙ୍କ ଝିଅ ଉଙ୍ଗି ମାଡ଼ି(୧୩) ବୋଲି ଜଣାପଡ଼ିଛି। ଉଙ୍ଗି ସୋମବାର ରାତିରେ ଖାଇସାରି ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ନାବାଳିକା ଜଣଙ୍କ ଏହା ଜାଣିପାରି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଘରେ ସାପକୁ ଖୋଜାଖୋଜି କରିବାରୁ ଏକ ବିରାଟ ରଣା ସାପ ବାହାରିଥିଲା। ପରେ ପରିବାର ଲୋକେ ରାତି ପ୍ରାୟ ୩ଟାରେ ପେରୁବାଇ ଗ୍ରାମରୁ ବାଇକ୍‌ରେ ନାବାଳିକାଙ୍କୁ କାଳିମେଳା ମେଡିକାଲ ନେଇ ଆସିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ନାବାଳିକାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାପଟି ଝିଅର ଡାହାଣ ପଟ କାନ ପାଖରେ କାମୁଡ଼ିଥବା ଜଣାପଡ଼ିଛି। କାଳିମେଳା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ କରିଛି।

# ମାଥିଲି ଲକ୍ଷ୍ମଣ ନାୟକ ଭବନରେ ରକ୍ତଦାନ ଶିବିର



ଶିବିରରେ ଜଣେ ରକ୍ତଦାତା ରକ୍ତ ଦେଉଛନ୍ତି।

ମାଥିଲି, ୧୬।୧୦(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଲକ୍ଷ୍ମଣ ନାୟକ ଭବନରେ ବୁଧବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହାକୁ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡ଼କାମୀ ଓ ମାଥିଲି ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋପାଳ ପଣ୍ଡା, ରଞ୍ଜନ ପାଙ୍ଗୀ ,ବ୍ଲକ ବିଜେଡି ସଭାପତି ବିଦ୍ୟା ପୂଜାରୀ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ରକ୍ତର କୌଣସି ବିକଳ୍ପ ନାହିଁ । ତେଣୁ ରକ୍ତଦାନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ରଞ୍ଜନ ପାଙ୍ଗୀ ରକ୍ତଦାତାଙ୍କୁ ଜୀବନଦାତା ସହ ତୁଳନା କରିବା ସହିତ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ମାଥିଲି ବ୍ଲକର ୫୦ ଯୁବନେତା ରକ୍ତଦାନ କରିଥିଲେ । ଶିବରରେ ରଞ୍ଜନ ପାଙ୍ଗୀ ଓ ସନୁ ଗୌଡ଼ ପ୍ରମୁଖ ବିଜେଡି ଯୁବ ନେତାମାନେ ସହଯୋଗ କରିଥିଲେ। ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଓ ସୁନୀତା ଜେନା ଖୁସିରେ ମିଠା ବାଣ୍ଟିଥିଲେ।

# ଗ୍ରାଚୁଇଟି ସମ୍ବନ୍ଧୀୟ ନିଷ୍ପତ୍ତିର ପୁନର୍ବିଚାର ଦାବି

ନବରଙ୍ଗପୁର, ୧୬।୧୦
(ସଦାଶିବ ପ୍ରହରାଜ)

ରାଜ୍ୟ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ତଥା ଅବସରକାଳୀନ ଗ୍ରାଚୁଇଟି ସୀମା ୧୫ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି ଘୋଷଣା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ପିଛିଲା ଭାବେ ୨୦୨୪ ଜାନୁଆରୀ ୧ରୁ ଲାଗୁହେବ ବୋଲି ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପତ୍ର ସଂଖ୍ୟା ୨୮୬୨୪ ତା୯।୧୦।୨୦୨୪ରିଖ ଅନୁଯାୟୀ ଲାଗୁ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ବୋଲି ରାଜ୍ୟ ଅମଲା ସଂଘ ସଭାପତି ତ୍ରିପତି ବାଲାଜୀ ସାହୁ ଜଣାଇଛନ୍ତି । ଜଣେ ଅଣ ଗେଜେଟେଡ୍ ସରକାରୀ କର୍ମଚାରୀଙ୍କ ମୂଳ ଦରମା ଯଦି ୬୦,୦୦୦ ଟଙ୍କା ହୁଏ, ତାଙ୍କ ଗ୍ରାଚୁଇଟି ସରକାରୀ ହିସାବ ଅନୁସାରେ ୧୪,୮୫,୦୦୦ ଟଙ୍କା ହେଉଛି । ଏଥିରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ ଅଣଗେଜେଟେଡ୍ ଜିଲାସ୍ତରୀୟ ସରକାରୀ କର୍ମଚାରୀ କୌଣସି ପ୍ରକାରେ ଲାଭବାନ୍ ହେବେ ନାହିଁ । କେବଳ ଉଚ୍ଚପଦାଧିକାରୀମାନେ ଏହା ଦ୍ୱାରା ଲାଭାନ୍ୱିତ ହେବେ ବୋଲି ଓଡ଼ିଶା ରାଜସ୍ୱ ଅମଲା ସଂଘ ତରଫରୁ କୁହାଯାଇଛି। ଅଣଗେଜେଟେଡ୍ କର୍ମଚାରୀମାନେ କିପରି ସରକାରଙ୍କ ଘୋଷିତ ମୃତ୍ୟୁ ତଥା ଅବସରକାଳୀନ ଗ୍ରାଚୁଇଟି ୨୦ଲକ୍ଷ ଟଙ୍କା ପାଇପାରିବେ ସେଥିପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟିଦେଇ ତ୍ୱରିତ ପଦକ୍ଷେପ ନେବାକୁ ଅମଲା ସଂଘ ତରଫରୁ ଦାବି କରାଯାଇଛି। ପୂର୍ବରୁ ସମର୍ପଣ ଛୁଟି ବା ସରେଣ୍ଡର ଲିଭ୍ ଜିଲାସ୍ତରରେ କାର୍ଯ୍ୟରତ ଅଣ ଗେଜେଟେଡ୍ ସରକାରୀ କର୍ମଚାରୀ ପାଇ ଆସୁଥିଲେ ମଧ୍ୟ ଗତ ୨୪ ବର୍ଷ ହେଲା ସେମାନେ ଏହି ଛୁଟି ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ସରକାରୀ କର୍ମଚାରୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ନେଇ ଭବିଷ୍ୟତରେ କର୍ମଚାରୀ ଅସନ୍ତୋଷ ଯେ ଏକ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ନ କରିବ ତାହା କହିହେବ ନାହିଁ ବୋଲି ଓଡ଼ିଶା ରାଜସ୍ୱ ଅମଲା ସଂଘ ତରଫରୁ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଏବଂ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ରାଜ୍ୟ ସରକାର ପକ୍ଷପାତ ମନୋଭାବ ପ୍ରତ୍ୟାହାରକରି ସରକାରୀ କର୍ମଚାରୀଙ୍କ ସମସ୍ୟା ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ସମାଧାନ କରିବାକୁ ସେମାନେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ବାଲିମେଳାରେ ହରଗୌରୀଙ୍କ ଭସାଣି ଉତ୍ସବ

କୋରୁକୋଣ୍ଡା, ୧୬।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଡ୍ରଗ ଲାଇନ ପୂଜା ମଣ୍ଡପରେ ବୁଧବାର ହରଗୌରୀ ଭସାଣୀ ଉତ୍ସବ ପାଳିତ ହୋଇଯାଇଛି। ପୂଜା କମିଟିର ସଭାପତି ଅନିଲ କୁମାର ନାୟକ ଓ ଅନ୍ୟ ସମସ୍ତ ସଦସ୍ୟଙ୍କ ନେତୃତ୍ୱରେ ବିସର୍ଜନ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ସହରର ବିଭିନ୍ନ ସ୍ଥାନରୁ ଶତାଧିକ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୂତୟନ ହୋଇଥିଲେ।



ହରଗୌରୀଙ୍କୁ ବିସର୍ଜନ ଶୋଭାଯାତ୍ରାରେ ନିଆଯାଉଛି।

# ଶଟର ତାଡ଼ି ଦୋକାନରୁ ଚୋରି

ରାୟଗଡ଼ା, ୧୬।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ୩୨୬ନଂ ଜାତୀୟ ରାଜପଥ କଡ଼ରେ ଅଶୋକ ସିନେମା ହଲ ନିକଟରେ ଥିବା ଏକ ହାର୍ଡ଼ୱେୟାର ଦୋକାନର ଶଟର ତାଡ଼ି ଚୋରି ହୋଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ସିଦ୍ଧି ସାଇ ହାର୍ଡ଼ୱେୟାର ଦୋକାନ ଦଶହରା ପାଇଁ ୩ ଦିନ ବନ୍ଦ ରହିଥିଲା । ବୁଧବାର ସକାଳେ ମାଲିକ ଦୋକାନ ଖୋଲିବା ପରେ ପଛ ପାର୍ଶ୍ୱରେ ରହିଥିବା ସଟର ତାଡ଼ି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଦୋକାନ କ୍ୟାସ ବକ୍ସରୁ ପ୍ରାୟ ୩୦ହଜାର ଟଙ୍କା ଚୋରି ହୋଇଥିବା ନେଇ କହିଛନ୍ତି ବି.ଗୁପ୍ତେଶ୍ୱର । ଏ ନେଇ ପୋଲିସକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।



ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିରେ କୁଆଁରୀମାନେ ଜହ୍ନି ଓଷା ପାଳନ କରୁଛନ୍ତି। ( ଫଟୋ–ପ୍ରଫୁଲ୍ଲ କୁମାର ବେହେରା)

# ସରକାରୀ ମାନ୍ୟତା, ମାସିକ ୨୬ ହଜାର ଦରମା ଦାବି

## ପାଚିକା, ସହାୟିକା ସଂଘ ସମ୍ମିଳନୀ

ଗୁଣପୁର, ୧୬।୧୦(ପ୍ରଦୀପ କୁମାର ପାଢ଼ୀ)

ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ପକ୍ଷରୁ ବୁଧବାର ଗୁଣପୁର ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ବ୍ଲକ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ଜନବିରୋଧି ନୀତି ବିରୋଧରେ ନଭେମ୍ବରରେ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବା ପାଇଁ ଦକ୍ଷିଣ ଓଡିଶାର ଉପଦେଷ୍ଟା ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଥିଲେ। ମୁଖ୍ୟତଃ ପାଚିକା ଓ ସହାୟିକାମାନଙ୍କୁ ସରକାରୀ ମାନ୍ୟତା ଓ ମାସିକ ୨୬ ହଜାର ଟଙ୍କା ପ୍ରଦାନ ସହ ସ୍କୁଲ ବନ୍ଦ, ସ୍କୁଲ ମିଶ୍ରଣ ଫଳରେ ବାଦ୍‌ପଡିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଶ୍ଚିତ ନିଯୁକ୍ତି ଦିଆଯିବା, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୨୦୦୯ ଡିସେମ୍ବରଠାରୁ ୨୦୧୭ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ୪୦% ବକେୟା ପାରିଶ୍ରମିକ ପ୍ରଦାନ କରିବା, ନୂତନ ଶିକ୍ଷା ନୀତିକୁ ବାତିଲ କରିବା, ଅବସର କାଳୀନ ବୟସ ସୀମା ୬୨କୁ ବୃଦ୍ଧି କରିବା ସହିତ ୬୦ବର୍ଷ ପରେ ବାଦ୍ ପଡିଥିବା ପାଚିକାଙ୍କୁ ଅବସର ପ୍ରଦାନ, ପାଚିକାମାନଙ୍କୁ ଛୁଟି ନେବାର ବ୍ୟବସ୍ଥା ସହିତ ସରକାରୀ ନିୟମ ଅନୁଯାୟୀ ପାରିଶ୍ରମିକ ସହିତ ପ୍ରସୂତିକାଳୀନ ଛୁଟିର ବ୍ୟବସ୍ଥା କରାଯିବା, ମଧ୍ୟାହ୍ନ ଭୋଜନକୁ ଅକ୍ଷୟ ପାତ୍ର ଓ ନନ୍ଦୀ ଫାଉଣ୍ଡେସନ ଭଳି ଘରୋଇ ସଂସ୍ଥାକୁ ହସ୍ତାନ୍ତର ବନ୍ଦ କରାଯାଉ, ସାମାଜିକ ନିରାପତ୍ତା, ବୀମାଭୁକ୍ତ କରାଯାଉ, ବିଭିନ୍ନ ସ୍କୁଲରେ ନୂତନ ଭାବେ ନିଯୁକ୍ତି ପାଉଥିବା ପାଚିକାଙ୍କୁ ନିଯୁକ୍ତି ଦିନଠାରୁ ପାରିଶ୍ରମିକ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ମୁନି ଶବରଙ୍କ ସମେତ ମୁକ୍ତିଲତା ଶବର, ମାଧୁରୀ ଗୌଡ, ସବିତା ଶବର, ମଞ୍ଜୁ ଲତା ମାଝୀ, ଇଲାମି ଶବର, ପୁଷ୍ପାଞ୍ଜଳି ଶବର, କୁମାରୀ ଶବର ପ୍ରମୁଖ ଉପସ୍ଥିତ ଥିଲେ।




ପାଚିକା ଓ ସହାୟିକା ସଂଘର ଶୋଭାଯାତ୍ରା।

# ପାର୍କିଂ ବ୍ୟବସ୍ଥା ନାହିଁ: ବଢୁଛି ଟ୍ରାଫିକ୍ ସମସ୍ୟା

■ଚିନ୍ତାରେ ପୋଲିସ ପ୍ରଶାସନ, ଲୋକେ ହଇରାଣ
■ପୌର ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

ରାୟଗଡ଼ା,୧୬।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌରାଞ୍ଚଳରେ ବେଆଇନ ଭାବେ ବାସଗୃହ ଓ ଶପିଂ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ଉକ୍ତ ବ୍ୟବସାୟିକ ଅନୁଷ୍ଠାନ ନିଜସ୍ୱ ଜାଗାରେ ଗାଡ଼ି ପାର୍କିଂ ପାଇଁ ବ୍ୟବସ୍ଥା କରି ନ ଥିବାରୁ ଗ୍ରାହକ ଏବଂ ସାଧାରଣ ଲୋକେ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟିହେବା ସହ ଲୋକେ ଯାତାୟାତ ପାଇଁ ବହୁ ହଇରାଣ ହେଉଥିବା ଦେଖିବାକୁ ମିଳୁଛି।

ପୌରାଞ୍ଚଳରେ ବାସଗୃହ ଏବଂ ବ୍ୟବସାୟିକ କୋଠା ନିର୍ମାଣ କରିବାକୁ ହେଲେ ନିର୍ମାଣ ପୂର୍ବରୁ ପୌର ପରିଷଦ ଓ ଟାଉନ ପ୍ଲାନିଂ ବିଭାଗରେ ଡିଜାଇନ କପି ସହିତ ଆବେଦନ କରିବାକୁ ପଡ଼ିଥାଏ । ଏହାକୁ ସମ୍ପୃକ୍ତ ବିଭାଗ ଅନୁମୋଦନ କରିବା ପରେ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ହେଲେ ରାୟଗଡ଼ା ସହରରେ ନିର୍ମିତ ପ୍ରାୟତଃ ଶପିଂ ମଲ୍ ଓ କମର୍ସିଆଲ କମ୍ପ୍ଲେକ୍ସ ସମ୍ମୁଖରେ ଗାଡ଼ି ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ଦୋକାନ ବଜାରକୁ ଆସିଲେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି । ଫଳରେ ରାସ୍ତାର ଅର୍ଦ୍ଧାଧିକ ଅଂଶ କବ୍‌ଜାରେ ରହୁଥିବାରୁ ଉକ୍ତ ରାସ୍ତା ଦେଇ ବଡ଼ ଗାଡ଼ି ଯାତାୟାତ କଲେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍ ରହୁଛି । ଏହି କାରଣରୁ ପୋଲିସକୁ ମଧ ନାକେଦମ୍ ହେବାକୁ ପଡୁଛି । ସେହିପରି ସହରର ବିଭିନ୍ନ ଗଳିକନ୍ଦିରେ ବହୁ ଶପିଂ ମଲ, ବ୍ୟାଙ୍କ ଆଦି ଭଡ଼ାରେ ଚାଲିଛି । ତେବେ ଉକ୍ତ କୋଠାଗୁଡ଼ିକ ସମ୍ମୁଖରେ କୌଣସି ପାର୍କିଂ ସ୍ଥାନ ନାହିଁ। ରାୟଗଡ଼ା ସହରର କପିଳାସ ରୋଡ୍‌ଠାରେ ଏସ୍‌ବିଆଇ(ଏଡିବି) ବ୍ୟାଙ୍କ ରହିଛି । ବ୍ୟାଙ୍କ ଭଡ଼ା ନେଇଥିବା ଘର ରାସ୍ତାଠାରୁ ୪ରୁ ୫ଫୁଟ ଉଚ୍ଚରେ ରହିଛି । ଘର ମାଲିକ ଗାଡ଼ି ପାର୍କିଂ ପାଇଁ ଜମି ନ ଛାଡ଼ି କୋଠା ନିର୍ମାଣ କରିଥିବାରୁ ବ୍ୟାଙ୍କକୁ ଆସୁଥିବା ଲୋକେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି । ଏହାଦ୍ୱାରା ଉକ୍ତ ରାସ୍ତା ଦେଇ ଅନ୍ୟ ଯାନବାହନ ଯିବା ସମୟରେ ରାସ୍ତା ଜାମ୍ ରହୁଛି । ସେହିଭଳି ସମାନ ଅବସ୍ଥା ଭାମସି କ୍ରିଷ୍ଟା ହୋଟେଲ ଓ ସ୍ୱାଗତ ହୋଟେଲ ଗଳିରେ ଦେଖିବାକୁ ମିଳୁଛି । ସେଠାରେ ମଧ ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ପିଏନ୍‌ବି ଏବଂ ବଜାଜ୍ ଫିନ୍‌ସର୍ଭର କାର୍ଯ୍ୟାଳୟ ଥିବା କୋଠାରେ



ପାର୍କିଂ ବ୍ୟବସ୍ଥା ନ ଥିବାରୁ ବ୍ୟାଙ୍କକୁ ଆସୁଥିବା ଲୋକେ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି । ଏହାବ୍ୟତୀତ ସହର ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସମ୍ମୁଖରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତାକଡ଼ରେ ଗାଡ଼ି ପାର୍କିଂ କରୁଛନ୍ତି । ଅନ୍ୟପକ୍ଷେ ସକାଳ ୬ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବହୁ ଉଠା ଦୋକାନୀ ଆପ୍ରୋଚ୍ ରୋଡ୍ ଉପରେ ବସି ବ୍ୟବସାୟ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏଭଳିକି ଜରୁରୀ ସମୟରେ ଆମ୍ବୁଲାନ୍ସ ଉକ୍ତ ରାସ୍ତା ଦେଇ ଯିବା ଅସମ୍ଭବ ହୋଇପଡୁଛି। ତେବେ ଅନୁମୋଦନ ନେଇ ନ ଥିବା ବହୁ ଘର ମାଲିକ ସହରରେ ବେଆଇନ ଭାବେ କମର୍ସିଆଲ କମ୍ପ୍ଲେକ୍ସ ଓ ଶପିଂ ମଲ୍ ନିର୍ମାଣ କରୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କାହିଁକି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ସେ ନେଇ ପ୍ରଶ୍ନ ଉଠିଛି । ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ବିଭିନ୍ନ ବେଆଇନ କୋଠା ନିର୍ମାଣ ଚାଲିଛି ଏବଂ ପୌର ପ୍ରଶାସନକୁ ବ୍ୟାପକ ରାଜସ୍ୱ କ୍ଷତି ଘଟୁଛି । ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପକରି ବେଆଇନ ଭାବେ ଗଢ଼ି ଉଠିଥିବା କୋଠାଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ପରିସୀମା ମଧ୍ୟରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ଘର ମାଲିକଙ୍କୁ ନିର୍ଦ୍ଦେଶନାମା ଜାରି କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଏ ନେଇ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର କହିଛନ୍ତି, ବେଆଇନ ନିର୍ମିତ କୋଠାଗୁଡ଼ିକ ଚିହ୍ନଟକରି ନୋଟିସ ଜାରି କରାଯାଇଛି । ଆଗାମୀ ଦିନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ୧୯୨ କେଜି ଗଞ୍ଜେଇ ଜବତ, ୩ ଗିରଫ



ଜବତ ଗାଡି ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ପଦ୍ମପୁର,୧୬।୧୦ (ପ୍ରଶାନ୍ତ କୁମାର କର)

ଏକ ଟ୍ରକ୍ ଏବଂ ବୋଲରା ପିକ୍‌ଅପ ଭ୍ୟାନରେ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରାଯାଉଥିବାବେଳେ ପଦ୍ମପୁର ପୋଲିସ ୧୭ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଆମ୍ବକୋଲା ନିକଟରେ ଚଢ଼ାଉ କରି ୧୯୨ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଜିମର୍ ସିଂ, ମଲନ ସର୍ମା ଓ ସଞ୍ଜୀବ କୁମାର । ଅଭିଯୁକ୍ତମାନେ ସୀମାନ୍ତ ଗଜପତି ଜଲାରୁ ଗଞ୍ଜେଇ ଆଣି ମଧ୍ୟପ୍ରଦେଶ ଓ ହରିଆନାକୁ ଚାଲାଣ କରିବା ପାଇଁ ଯୋଜନା କରିଥିଲେ। ପୋଲିସ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୪ଟି ମୋବାଇଲ ଫୋନ ଓ ନଗଦ ୨୧୭୦ଟଙ୍କା ଜବତ କରିଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ କରାଯାଉଥିବା ପଦ୍ମପୁର ଆଇଆଇସି ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

# ୧୩ ଆହତ, ୨ ଗୁରୁତର

ଡାବୁଗାଁ, ୧୬।୧୦ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ରାଉଳିଗୁଡା ଗ୍ରାମରେ ବୁଧବାର ସକାଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଯୋଗୁ ୧୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ବନ୍ଧୁ ସାନ୍ତା ଓ କୃପାସିନ୍ଧୁ ଜାନୀଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଆହତ କମୁଲୁ ଜାନୀ, ସଦା ଗୌଡ, ରଇମତି ଗୌଡ, ଅସମାନ ଗୌଡ, ତିଳୋତ୍ତମା ଗୌଡ, ହିରଣ୍ୟ ଜାନୀ, ନୀଳାମ୍ବର ଗୌଡ ଓ ଫଗୁନୁ ଗୌଡ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ରାଉଳିଗୁଡା ଗ୍ରାମର ଜିସିଓ ହରିଜନଙ୍କ ଘର ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଉମୁରହାଣ୍ଡି ଗ୍ରାମର ଭଗତ ଭତ୍ରା ବାଇକ୍ ଯୋଗେ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଡି ଯାଇଥିଲେ। ତାଙ୍କୁ ଜିସିଓ ଉଦ୍ଧାର କରି ମେଡିକାଲ ନେବା ବ୍ୟବସ୍ଥା କରିଥିଲେ। ଏହି ସମୟରେ ରାଉଳିଗୁଡା ଗ୍ରାମର କମଳ ସିଂ ଗୌଡ, ସଦା ଗୌଡ, ବିଦ୍ୟାଧର ଗୌଡ, ଫଗୁନୁ ଗୌଡ, ନିଲାମ ଗୌଡ ଓ ପୁରୁଷୋତ୍ତମ ଜାନୀଙ୍କ ସହ ଅନ୍ୟମାନେ ଆସି ଛୋଟ ଜାତିର ଲୋକ କାହିଁକି ଭଗତଙ୍କୁ ଛୁଇଁଲ ବୋଲି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏହି ସମୟରେ ଗ୍ରାମର ୪ ଜଣ ବ୍ୟକ୍ତି ବୁଝାଶୁଝା କରିବାରୁ ସେମାନେ ତାଙ୍କୁ ମାଡ ମାରିବାରୁ ନନ୍ଦରାଜ ମାଝି, ପୀତବାସ ବିନ୍ଧାଣି, ଯୋଗେନ୍ଦ୍ର ଜାନୀ ଓ ବିଜୟ ଗୌଡ ଆହତ ହୋଇଥିଲେ। ଏ ନେଇ ଜିସିଓ ରାଉଳିଗୁଡା ଗ୍ରାମର ପୁରୁଷୋତ୍ତମ ଜାନୀ, କମଳ ସିଂ ଗୌଡ, ନାରାୟଣ ଜାନୀ, ତୁରାରାମ ଗୌଡ, ସଦା ଗୌଡ, ବିଜୟ ଗୌଡ, ଖଗପତି ଜାନୀ, ବିଦ୍ୟାଧର ଗୌଡ, ପୀତବାସ ଜାନୀ ଓ ଲକ୍ଷ୍ମଣ ଜାନୀଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ରାତି ୮ଟାରେ ରାଉଳିଗୁଡା ଗ୍ରାମର ନୀଳାମ୍ବର ଗୌଡ ଓ ତାଙ୍କ ସ୍ତ୍ରୀ ତିଳୋତ୍ତମା ଗୌଡଙ୍କୁ ଗ୍ରାମର ଗଜେନ୍ଦ୍ର ଜାନୀ, ଜୟ ଜାନୀ, ବିଜୟ ଗୌଡ ଓ ତ୍ରିନାଥ ଜାନୀ ପ୍ରମୁଖ ମାଡ ମାରିବା ସହ ଗଣ୍ଡଗୋଳ କରିଥିଲେ। ବୁଧବାର ସକାଳେ ଉକ୍ତ ଘଟଣାର ଅଭିଯୋଗ ପାଇଁ ଡାବୁଗାଁ ଥାନାକୁ ଆସିବା ସମୟରେ ଗ୍ରାମର ୧୦ ଜଣ ଲୋକ ପୁଣି ତାଙ୍କୁ ଅଟକାଇ ଗଣ୍ଡଗୋଳ କରି ମାଡ ମାରିଥିଲେ। ଏ ନେଇ କମୁଲୁ ଜାନୀ ରାଉଳିଗୁଡା ଗ୍ରାମର ମକରନ୍ଦ ଜାନୀ, ମଦନ ଜାନୀ, ଭଗବାନ ମାଝି, ବିଷଇ ମାଝି, ବିଷ୍ଣୁ ମାଝି, ନନ୍ଦରାଜ ମାଝି, ପ୍ରସାଦ ଜାନୀ, ପୀତବାସ ଲହରା, ଚରଣ ମାଝି ଓ ଡମ୍ବୁ ଲହରାଙ୍କ ନାମରେ ଏତଲା ଦେଇଛନ୍ତି । ଜିସିଓଙ୍କ ଅଭିଯୋଗ ଅନୁଯାୟୀ, ୧୯୦/୨୪ ଏବଂ କମଲୁଙ୍କ ଅଭିଯୋଗ ଅନୁଯାୟୀ ୧୯୧/୨୪ ରେ ଥାନାରେ ୨ ଟି ମାମଲା ରୁଜୁ କରାଯାଇଛି।

# ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ କଳସ ଯାତ୍ରା



ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ବାହାରିଥିବା କଳସ ଯାତ୍ରା।

## ୫ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମାଗମ

ଅମ୍ବଦଳା,୧୬।୧୦ (ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ଅମ୍ବାଦଳାଠାରେ ଦୀର୍ଘ ୧୮ ବର୍ଷ ଧରି ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ମା'ଙ୍କ ପୂଜା ପାଇଁ ବୁଧବାର ବାଘ ଢ଼ଙ୍ଗରି ନାଳରୁ ଗଙ୍ଗା ଆବାହନ କରାଯିବା ସହ ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ଅଂଶ ଗ୍ରହଣ କରିଥିବାବେଳେ ମହିଳା କୀର୍ତ୍ତନ ମଣ୍ଡଳୀ, ଘଣ୍ଟ ବାଜା ସହ ବ୍ୟାଣ୍ଡ ବାଜା ଶୋଭାଯାତ୍ରାରେ ଜଳକୁ କଳସୀରେ ଧାରଣ କରି ମା'ଙ୍କ ନିକଟରେ ସମର୍ପଣ କରିଥିଲେ। ପୁରୋହିତ ବିପିନ ବିହାରୀ କର, ବିଜୟ ମିଶ୍ର, ଅକ୍ଷୟ କୁମାର ରଥ, ଯୋଗେଶ୍ୱର ଷଡ଼ଙ୍ଗୀଙ୍କ ପୌରାହିତ୍ୟରେ ବୈଦିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ଏହି ଆବହାନି ଯାତ୍ରାରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସ୍ଥାନୀୟ ବିଧାୟକ ନୀଳମାଧବ ହିକକା ଯୋଗଦେଇ ମାଙ୍କ କୃପା ଲାଭ କରିଥିଲେ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବୁଗୀ ବୁଗୀ ନୃତ୍ୟ, ମୀନା ବଜାର, ଅପେରା ମେଲୋଡି ଆଦି ମୁଖ୍ୟ ଆକର୍ଷଣ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଗଜ ଲକ୍ଷ୍ମୀ ପୂଜା କମିଟିର ସଭାପତି ଉମେଶ ସାମନ୍ତଙ୍କ ତତ୍ତ୍ୱାବଧାନରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ କର୍ତ୍ତା ଭାବେ ଶିବାଶିଷ ପାଣିଗ୍ରାହୀ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ଉଭୟ ସିନିୟର୍ ଓ ଜୁନିୟରଙ୍କ ମଧ୍ୟରେ ବୁଗି ବୁଗି ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସିନିୟର୍ ଦଳର ପ୍ରଥମ ବିଜେତାଙ୍କୁ ୨୧୦୦୧ ଟଙ୍କା ଦ୍ୱିତୀୟ ବିଜେତାଙ୍କୁ ୧୬୦୦୧ ଏବଂ ତୃତୀୟ ବିଜେତାଙ୍କୁ ୧୧୦୦୧ ଟଙ୍କା ପୁରସ୍କାର ପ୍ରଦାନ କରାଯିବା ଘୋଷଣା କରାଯାଇଥିବା ବେଳେ ଜୁନିୟର ଡ୍ୟାନ୍ସ ଦଳର ପ୍ରଥମ ବିଜେତାଙ୍କୁ ୧୬୦୦୧, ଦ୍ୱିତୀୟ ବିଜେତାଙ୍କୁ ୧୧୦୦୧, ତୃତୀୟ ବିଜେତାଙ୍କୁ ୮୦୦୧ ଟଙ୍କା ପୁରସ୍କାର ପ୍ରଦାନ କରାଯିବା ପାଇଁ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି।

# ନବୀନଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

## ୩୦ ୟୁନିଟ ରକ୍ତ ସଂଗ୍ରହ

ରାୟଗଡ଼ା/ ଗୁଡାରି/ ବିଷମ କଟକ,୧୬।୧୦(ଆଶିଷ ରଞ୍ଜନ ପଣ୍ଡା/ ପ୍ରମୋଦ କୁମାର ପତି/ ପ୍ରସନ୍ନ କୁମାର ପଣ୍ଡା)

ବିଜେଡ଼ି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ଅବସରରେ ବିଜୁ ଯୁବ ଜନତା ଦଳ ଜିଲା କମିଟି ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ସହିତ କେକ୍ କାଟି ଜନ୍ମ ଦିନ ପାଳନ କରାଯାଇଥିଲା। ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଶ୍ରମିତା ପାଢ଼ୀଙ୍କ ନେତୃତ୍ୱରେ ମହିଳାମାନେ ମଝିଘରିଆଣି ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରି ନବୀନଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନର କାମନା କରିଥିଲେ। ଏହାପରେ ଜିଲା ବିଜେଡ଼ି କାର୍ଯ୍ୟାଳୟଠାରେ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଶୋଇଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ୩୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କାର୍ଯ୍ୟକ୍ରମରେ ଅମୀୟ ସ୍ୱାଇଁ, ବିନାୟକ କର, ଚନ୍ଦ୍ରକାନ୍ତ ସାମଲ, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଗୁଡାରିରେ ବିଜେଡ ନେତା ଓ କର୍ମୀ ମେଡିକାଲରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ, ବିସ୍କୁଟ, ପାଉଁରୁଟି ବଣ୍ଟନ କରିଥିଲେ। ବରିଷ୍ଠ ବିଜେଡି ନେତା ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଏନ୍‌ଏସି ଅଧ୍ୟକ୍ଷା ସରମିତା ଶବର, ଉପାଧ୍ୟକ୍ଷ ଯୋଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ବିଷମ କଟକ ବ୍ଲକ୍ ବିଜେଡି କାର୍ଯ୍ୟାଳୟରେ ଜନପ୍ରତିନିଧି ଓ କର୍ମକର୍ତ୍ତା କେକ କାଟି ନବୀନଙ୍କ ଜନ୍ମଦିନ ପାଳନ କରିଥିଲେ। ଏଥିସହ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଷମ କଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଦସ୍ୟ ପୃଥ୍ୱୀରାଜ ସାହୁ, ବିଜେଡି ଜିଲା ଯୁବ ଉପସଭାପତି ଡି. ଶିବା, ରବୀନ୍ଦ୍ରନାଥ ପଣ୍ଡା, ଜି. ପ୍ରଦୀପ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ନବୀନଙ୍କ ଜନ୍ମଦିନ ଅବସରରେ ଜଣେ ରକ୍ତଦାନ କରୁଛନ୍ତି।

# ଚାଷୀଙ୍କ ସ୍ୱାର୍ଥ, ପରିବେଶ ସୁରକ୍ଷା ପାଇଁ ଆହ୍ୱାନ

## ସେବା ଭାରତୀ ପକ୍ଷରୁ ଖବରଦାତା ସମ୍ମିଳନୀ

ରାୟଗଡ଼ା,୧୬।୧୦(ଆଶିଷ ରଞ୍ଜନ ପଣ୍ଡା)

କଳାହାଣ୍ଡି ଜିଲା ଅନ୍ତର୍ଗତ ଲାଞ୍ଜିଗଡ଼ଠାରେ ଥିବା ବେଦାନ୍ତ ଆଲୁମିନା କମ୍ପାନୀର ନାଲି କାଦୁଅପାଣି ଚାଷୀଙ୍କ ପାଇଁ କାଳ ସାଜିଛି ବୋଲି ଅଭିଯୋଗ କରିଛି ସେବା ଭାରତୀ। ଚାଷୀଙ୍କ ସ୍ୱାର୍ଥ ଓ ପରିବେଶର ସୁରକ୍ଷା ପାଇଁ ସମସ୍ତ ରାଜନୈତିକ ଦଳ ଆଗକୁ ଆସିବା ଲାଗି ବୁଧବାର ଏକ ଖବରଦାତା ସମ୍ମିଳନୀ କରି ସେବା ଭାରତୀ ପକ୍ଷରୁ ନିବେଦନ କରାଯାଇଛି।

ବେଦାନ୍ତ କମ୍ପାନୀର ଲାଲ କାଦୁଅ ପୋଖରୀ ଗତ ସେପ୍ଟେମ୍ବର ୧୫ ମଧ୍ୟରାତ୍ରିରେ ଭୁଶୁଡ଼ି ପଡ଼ିଥିଲା। ଫଳରେ ଶହ ଶହ ଏକର ଚାଷଜମିରେ ଏହା ପ୍ରବେଶକରି କୃଷି କ୍ଷେତ୍ରକୁ ପ୍ରଭାବିତ କରିଛି। ଏଥିସହ ବଂଶଧାରା ନଦୀରେ ଏହି ବିଷାକ୍ତ ଜଳ ପ୍ରବାହିତ ହୋଇ ଜଳଚର ଜୀବ ପାଇଁ ବ୍ୟାପକ କ୍ଷତି ଘଟାଇଥିଲା। ଏହି ନାଲି କାଦୁଅର ପ୍ରଭାବରେ କଳାହାଣ୍ଡି ଜିଲାର ବନ୍ଧଗଡ଼, ବୁନ୍ଦେଲ, ଛତ୍ରପୁର, ତୁରିଗୁଡ଼ା, ବାଥେଲିମା ଏବଂ ବସନ୍ତପଡ଼ା ଅଞ୍ଚଳ ସମେତ ରାୟଗଡ଼ା ଜିଲାର ପେଡ଼ିପଦର, ଗୌଡ଼ ଚନ୍ଦନଖୁଣ୍ଟି ଗାଁରେ ଅନେକ ହେକ୍ଟର ଜମିରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିଲା ବୋଲି କୁହାଯାଇଛି। ସେବା ଭାରତୀ ପକ୍ଷରୁ ଏକ ସତ୍ୟତା ଅନୁସନ୍ଧାନ ଟିମ୍ ଗତ ୨୦ ତାରିଖରେ ଲାଞ୍ଜିଗଡ଼ ଯାଇ ସେଠାକାର ସ୍ଥାନୀୟ ବାସିନ୍ଦାଙ୍କ ସହ ଯୋଗାଯୋଗ କରି କ୍ଷୟକ୍ଷତି ବିଷୟରେ ଆଲୋଚନା କରିଥିଲେ। ସେହିପରି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ମଧ ଆଲୋଚନାକରି ଫେରିଆସିଥିଲେ । ଏହି ଟିମ୍‌ରେ ଓକିଲ ତଥା ସାମାଜିକ କର୍ମୀ ବାଦଲ କୁମାର ତା, ଚାଷୀ ବିଜୟ କୁମାର ମିଶ୍ର, ସକ୍ଷମର ରାଜ୍ୟ ସଚିବ ଶ୍ୟାମ କୁମାର ଦାଶ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ତଥା ପ୍ରାନ୍ତ ସେବା ପ୍ରମୁଖ ଦୀପକ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବ କ୍ଷେତ୍ର ସହ ପ୍ରଚାରକ ଜଗଦୀଶ ଖାଡ଼ଙ୍ଗା ଏବଂ ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡାଙ୍କ ମାର୍ଗଦର୍ଶନରେ ଘଟଣାର ତଦନ୍ତ କରାଯାଇଥିଲା ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ସେବା ଭାରତୀ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରିସାରିଲା ପରେ ଏକ ରିପୋର୍ଟ ତିଆରିକରି କେନ୍ଦ୍ର ଓ ରାଜ୍ୟ ସରକାରର ସମସ୍ତ ବିଭାଗକୁ ପଠାଇଛି। ସେବା ଭାରତୀ ତରଫରୁ ଏହି ବିଷୟକୁ ନେଇ ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ଗୋଟିଏ ଲେଖାଏଁ ସେମିନାର ମଧ କରାଯିବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ବାଦଲ କୁମାର ତା, ବିଜୟ ମିଶ୍ର, ଶ୍ୟାମ କୁମାର ଦାଶ, ବିଦ୍ୟା ଭୂଷଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଖୁଡୁଖୁଡ଼ି ଖେଳ ଉପରେ ଚଢ଼ାଉ, ୩ ଅଟକ

ଟିକିରି,୧୬।୧୦ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ଶଙ୍କରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ଅପରାହ୍ନରେ ଚାଲିଥିବା ଖୁଡୁଖୁଡି ଖେଳ ଉପରେ ଟିକିରି ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ପୋଲିସ ଖେଳରେ ବ୍ୟବହୃତ ସାମଗ୍ରୀ ଏବଂ ନଗଦ ୨୭୪୦ ଟଙ୍କା ଜବତ କରିଛି। ଏ ନେଇ ବୁଧବାର ପୂର୍ବାହ୍ନ ୧୦ ଟାରେ ଟିକିରି ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଘ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହା ପରେ ସେହି ୩ଜଣଙ୍କୁ ନୋଟିସ ଦେଇ ଛାଡ଼ି ଦିଆଯାଇଛି।



# ଗଜଲକ୍ଷ୍ମୀ ପୂଜା ପାଇଁ ରାୟଗଡ଼ା ଉତ୍ସବମୁଖର



ନ୍ୟୁ କଲୋନୀ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।



ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଜଳଯାତ୍ରା।

ରାୟଗଡା, ୧୬।୧୦ ( ଭାଗ୍ୟଶ୍ରୀ ମିଶ୍ର )

ବୁଧବାରଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା । ରାୟଗଡ଼ା ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କୁ ପୂଜା କରାଯାଉଛି । ରାୟଗଡାର ରାମା ଟକିଜ ଛକ, ଆର୍କେ ନଗରଏବଂ ନିୟୁ କଲୋନୀରେ ମା'ଙ୍କ ପୂଜା ଆରମ୍ଭ ହୋଇଛି । ନିୟୁ କଲୋନୀ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୨୯ତମ ଗଜଲକ୍ଷ୍ମୀ ପୂଜା ଆଡମ୍ବର ସହକାରେ ପାଳନ କରାଯାଉଛି। ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ୧୧ଦିନ ଧରି ଏହି ପୂଜା ଉତ୍ସବ ପାଳନ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ନିୟୁ କଲୋନୀ ପୂଜା ମଣ୍ଡପ ନିକଟରେ ମୀନା ବଜାର, ଆକର୍ଷଣୀୟ ଦୋଳି ପାଇଁ ଲୋକଙ୍କ ଭିଡ ଜମିବ ବୋଲି କୁହାଯାଉଛି। ବୁଧବାର ସନ୍ଧ୍ୟାରେ ଜଳଯାତ୍ରା, ଆବାହନ, ପ୍ରାଣପ୍ରତିଷ୍ଠା ପୂଜା ଅନୁଷ୍ଠିତ ହୋଇଥିବା ବେଳେ ୧୭ରୁ ୨୬ତାରିଖ ପର୍ଯ୍ୟନ୍ତ ସକାଳ ୯ରୁ ସନ୍ଧ୍ୟା ସାଢେ ୬ଟା ମଧ୍ୟରେ ପ୍ରତ୍ୟେହ ସୂର୍ଯ୍ୟ ପୂଜା, ଷୋଡଶ ଉପଚାର, ପୂଜା, ହୋମଯଜ୍ଞ ସମେତ ସାଢ ୬ଟାରୁ ୭ଟା ମଧ୍ୟରେ ସନ୍ଧ୍ୟା ଆଳତି ଓ ପୁଷ୍ପାଂଜଳି ପୂଜା ଅନୁଷ୍ଠିତ ହେବ । ସେହିପରି ୨୭ରେ ପୂର୍ଣ୍ଣାହୁତି ଓ ଘଟ ବିସର୍ଜନ ପରେ ଅପରାହ୍ନ ୫ଟାପରେ ଭସାଣୀ ଉତ୍ସବ, ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ପୂଜା ଉତ୍ସବ ପାଳନ ଅବସରରେ ପୂଜା କମିଟି ପକ୍ଷରୁ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ରାୟଗଡା ଜଗନ୍ନାଥ ଭଜନ ମଣ୍ଡଳି କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ, ବ୍ରହ୍ମପୁରର ଡ୍ୟାନ୍ସ ଗ୍ରୁପର ନୃତ୍ୟ ପରିବେଷଣ, ରାୟଗଡା ଉଷା ଭାରତୀ ଅନୁଷ୍ଠାନ ଓ ପିଡିସି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ, ରାୟଗଡା କଳାକାରଙ୍କ ଦ୍ୱାରା ଗୀତଗୁଞ୍ଜନ ମେଲୋଡି ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଛି । ସେହିପରି ରାୟଗଡା ମ୍ୟୁଜିକ ଗ୍ୟାଲେକ୍ସି କଣ୍ଠଶିଳ୍ପୀଙ୍କ ଦ୍ୱାରା ମେଲୋଡି, କୋରାପୁଟ ଜଲା ଜୟପୁରର ସ୍ୱର ଘୁଙ୍ଗୁର, ସମ୍ବଲପୁର ଅର୍କେଷ୍ଟ୍ରା ପରିବେଷଣ କରାଯିବାକୁ ଥିବା ବେଳେ ରାୟଗଡା ମଝିଗୌରୀ ଡ୍ୟାନ୍ସ ଗ୍ରୁପ ଏବଂ ଶେଷ ସନ୍ଧ୍ୟାରେ ମେଲୋଡି ନାଇଟ୍ସ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପିଲାମାନଙ୍କ ମନୋରଞ୍ଜନ ନିମନ୍ତେ ମୀନାବଜାର ବ୍ୟବସ୍ଥା ହୋଇଥିବା ବେଳେ ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ ଖୋଲାଯାଇଛି । ସୁନ୍ଦର ଆଲୋକମାଳା ସହ ଚିତାକର୍ଷକ ତୋରଣ ଦେଖିବାକୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି । ଶାନ୍ତି ଶୃଙ୍ଖଳାରେ ଉତ୍ସବ ପରିଚାଳନା ପାଇଁ ପୋଲିସ ମୁତୟନ କରାଯାଇଛି ।

# ଭାରତୀୟ ଶିକ୍ଷା ମଣ୍ଡଳ ଜାତୀୟ ଶିକ୍ଷାନୀତିକୁ ପ୍ରୋତ୍ସାହିତ କରିବ:କୁଳପତି

କୋରାପୁଟ,୧୬।୧୦(ଅମିତାଭ ବେହେରା)

କୋଲକାତାର ବାବା ସାହେବ ଆମ୍ବେଦକର ଶିକ୍ଷା ବିଶ୍ୱବିଦ୍ୟାଳୟରେ ଭାରତୀୟ ଶିକ୍ଷା ମଣ୍ଡଳର ଦକ୍ଷିଣବଙ୍ଗ ପ୍ରାନ୍ତ ପକ୍ଷରୁ ଗବେଷଣା ପତ୍ର ଲେଖା ବିଭିଭା ସାର୍ଟିଫିକେଟ୍ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଚକ୍ରଧର ତ୍ରିପାଠୀ ଯୋଗଦେଇଥିବା ବେଳେ ଆୟୋଜକ ବିଶ୍ୱବିଦ୍ୟାଳୟର କୁଳପତି ସୋମା ବନ୍ଦ୍ୟୋପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜୟନ୍ତ ଶର୍ମା,ପ୍ରଫେସର ରବି ଟେକ୍‌ଚନ୍ଦାନୀ,ପ୍ରଫେସର ସୁପର୍ଣ୍ଣା ମୈତ୍ର ଓ ପ୍ରଫେସର ନୃସିଂହ ପ୍ରସାଦ ଭାଦୁଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋକପାତ କରିବା ସହ ଶିକ୍ଷାବିତ୍ କେବଳ ଡିଗ୍ରୀ ଏବଂ ପଦୋନ୍ନତି ଉପରେ ଗୁରୁତ୍ୱଦେବା ନେଇ ପ୍ରଫେସର ତ୍ରିପାଠୀ ଚିନ୍ତା ପ୍ରକଟ କରିଥିଲେ। ଏହାର ସମାଧାନ ପାଇଁ ଭାରତର ଗୌରବମୟ ମୂଲ୍ୟବୋଧକୁ ଫେରାଇ ଆଣିବାକୁ ସେ ଅନୁରୋଧ କରିଥିଲେ। ଭାରତୀୟ ଶିକ୍ଷା ମଣ୍ଡଳ ଭାରତୀୟ ମୂଲ୍ୟବୋଧ ଉପରେ ଆଧାରିତ ଜାତୀୟ ଶିକ୍ଷାନୀତିକୁ ପ୍ରୋତ୍ସାହିତ କରିବା ଜାରି ରଖିବ ବୋଲି କୁଳପତି ତ୍ରିପାଠୀ ଆଶା ରଖିଛନ୍ତି।



ବିଭିଭା ସାର୍ଟିଫିକେଟ୍ ବିତରଣ ସମାରୋହରେ ଉପସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୁଳପତି ଓ ଅନ୍ୟମାନେ।

## 'ବିଭିଭା' ସାର୍ଟିଫିକେଟ୍ ବିତରଣ ସମାରୋହ

କ୍ୟାନ୍ସର ଭଳି ସ୍ୱାସ୍ଥ୍ୟଗତ ଆହ୍ୱାନର ସମାଧାନ ଖୋଜିବା ଦିଗରେ ଯୋଗଦାନ କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଫେସର ବନ୍ଦ୍ୟୋପାଧ୍ୟାୟ ଶୈକ୍ଷିକ କାର୍ଯ୍ୟର ଗୁଣବତ୍ତା ବୃଦ୍ଧି ପାଇଁ ଜିଜ୍ଞାସା ଓ ସଂରକ୍ଷଣ ଗବେଷଣାର ଗୁରୁତ୍ୱ ନେଇ କହିଥିଲେ। 'ବିଭିଭା' ପ୍ରତିଯୋଗିତାର ପ୍ରତିଯୋଗୀ ଓ ଜୁରି ସଦସ୍ୟଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର, କଲେଜ ଅଧ୍ୟାପକ ଓ ଗବେଷକମାନେ ଉତ୍ସାହର ସହ ଅଂଶ ଗ୍ରହଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି।


ମନ୍ଦିର ପରିଚାଳନା କମିଟି ପକ୍ଷରୁ ମା'ବାଟ ମଙ୍ଗଳା ମନ୍ଦିର ପରିସରରେ ଦୀପଦାନ କରାଯାଉଛି।

# କୁମାର ପୂର୍ଣ୍ଣିମାରେ ମା' ବାଟମଙ୍ଗଳା ମନ୍ଦିରରେ ୧୦,୧୦୮ ଦୀପଦାନ

କୋରାପୁଟ,୧୬।୧୦(ଅମିତାଭ ବେହେରା)

ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ବୁଧବାର ସନ୍ଧ୍ୟାରେ କୋରାପୁଟସ୍ଥିତ ମା'ବାଟ ମଙ୍ଗଳା ମନ୍ଦିର ପରିସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୧୦ ହଜାର ୧୦୮ ଦୀପଦାନ କରାଯାଇଛି । ମନ୍ଦିରର ମୁଖ୍ୟ ପୂଜକ ନିଳାମ୍ବର ମହାପାତ୍ରଙ୍କ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ପରିବାରବର୍ଗ ଉପସ୍ଥିତ ରହି ଦୀପଦାନ କରିଥିଲେ। କୁମାର ପୂର୍ଣ୍ଣିମା ଅବସରରେ ବିଶ୍ୱ କଲ୍ୟାଣ, କୋରାପୁଟ ସହରବାସୀଙ୍କ ମଙ୍ଗଳ କାମନା କରି ମନ୍ଦିର ସମ୍ମୁଖରେ ୧୦ ହଜାର ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସେହିପରି ମା' ବାଟ ମଙ୍ଗଳାଙ୍କ ମହାସ୍ନାନ ନୀତି,ଷୋଡଶ ଉପଚାର ପୂଜା ତଥା ଚଣ୍ଡୀପାଠ କର୍ମ କରାଯାଇ ସନ୍ଧ୍ୟାରେ ମା'ଙ୍କ ଗଜଲକ୍ଷ୍ମୀ ବେଶ ଅନୁଷ୍ଠିତ ହୋଇଥିଲା।



# ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର,୧୬।୧୦(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପାଲିଗୁଡା ଗ୍ରାମର କୃଷ୍ଣ ଖରା(୫୮) ଓ ନିଳାଗୁଡା ଗ୍ରାମର ଅଭିହିଆଲ(୨୩)। ସେମାନଙ୍କଠାରୁ ୬୦ ଲିଟର ଦେଶୀ ମଦ ସହ ୨ ବାଇକକୁ ଜବତ କରାଯାଇଛି। ନିଳାଗୁଡାରୁ ଦେଶୀ ମଦ ଚାଲାଣ କରି ବାଇକ୍‌ରେ ଜୟପୁରକୁ ଆସୁଥିବା ବେଳେ ଚନ୍ଦନବାଡ ସାହି ନିକଟରେ ଅଭି ହିଆଲ (୨୩)ଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସେହିପରି ପାଲିଗୁଡାରୁ କୃଷ୍ଣଙ୍କୁ ପାରାବେଡାରୁ ଗିରଫ କରି ୪୦ ଲିଟର ଦେଶୀ ମଦ ଓ ବାଇକ ଜବତ କରାଯାଇଥିଲା। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ ଓ ଜୟପୁର ଅବକାରୀ ଓଆଇସି ରାଜୁ କୁମାର ଖିତି ସୂଚନା ଦେଇଛନ୍ତି।

# ଭତ୍ତା ପାଇଁ ଅନ୍ୟ ଉପରେ ନିର୍ଭର ଭିନ୍ନକ୍ଷମ ବୃଦ୍ଧା


ଭିନ୍ନକ୍ଷମ ବୃଦ୍ଧାଙ୍କୁ ତାଙ୍କ ବୋହୂ କୋଳରେ ଧରି ପଞ୍ଚାୟତ କାର୍ଯ୍ୟାଳୟକୁ ନେଉଛନ୍ତି।

ଦଶମନ୍ତପୁର,୧୬।୧୦(ଅରବିନ୍ଦ ନାୟକ)

## ପଞ୍ଚାୟତରେ ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଜାନିଗୁଡା ଗ୍ରାମର ଜଣେ ଭିନ୍ନକ୍ଷମ ବୃଦ୍ଧା ଭତ୍ତା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅନ୍ୟ ଉପରେ ନିର୍ଭର ହେଉଛନ୍ତି। ସେ ହେଲେ ଜାନିଗୁଡ଼ା ଗ୍ରାମର ପଦ୍ମା ଜାନି। ପଞ୍ଚାୟତ ଓ ବ୍ୟାଙ୍କରେ କୌଣସି କାମ ଥିଲେ ନିଜେ ଉପସ୍ଥିତ ରହିବା ସହ ଧାଡ଼ି ବାନ୍ଧିବା ତାଙ୍କ ପକ୍ଷେ ଅସମ୍ଭବ। ବ୍ୟାଙ୍କ ଓ ପଞ୍ଚାୟତରେ କୌଣସି କାର୍ଯ୍ୟ ଥିଲେ ତାଙ୍କୁ କୌଣସି ଅଟୋରେ ପ୍ରତି ମାସରେ ଯିବାକୁ ହେଲେ ବୋହୂ ରତ୍ନା ଜାନିଙ୍କ କୋଳରେ ଯିବାକୁ ପଡୁଥିବା ନଜରକୁ ଆସିଛି। ତାଙ୍କ ପକ୍ଷରେ ଚାଲି ଚାଲି ବ୍ୟାଙ୍କ ଓ ପଞ୍ଚାୟତକୁ ଯିବା ଅସମ୍ଭବ ହେଉଥିବାରୁ ବୋହୂ ପ୍ରତ୍ୟେକ ମାସରେ ନିଜ କୋଳରେ ଧରି ବ୍ୟାଙ୍କକୁ ଆଣୁଥିବା ପଦ୍ମା କହିଛନ୍ତି। ତେବେ ଏଭଳି ଭିନ୍ନକ୍ଷମ ଏବଂ ଅସହାୟ ବୃଦ୍ଧା ବୃଦ୍ଧଙ୍କୁ ପଞ୍ଚାୟତ ପକ୍ଷରୁ ହାତାହାତି ଭତ୍ତା ପ୍ରଦାନ କରିବା ସହ ବ୍ୟାଙ୍କ ଅଧିକାରୀମାନେ ଧାଡିରେ ଛିଡା କରିବା ପରିବର୍ତ୍ତେ ଖୁବଶୀଘ୍ର ଟଙ୍କା ପ୍ରଦାନ କରିବା ପାଇଁ ସାଧାରଣରେ ଦାବୀ ହୋଇଛି।

# ୧୧୨୮ କିଲୋ ଗଞ୍ଜେଇ ଜବତ, ଡ୍ରାଇଭର ଫେରାର

ଜୟପୁର,୧୬।୧୦(ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରିଥିବା ବେଳେ ଡ୍ରାଇଭର ଫେରାର ରହିଛନ୍ତି। ବୈପାରିଗୁଡା ପଟୁ ଜୟପୁର ଅଭିମୁଖେ ଟାଟା-୭୦୯ ମିନି ଟ୍ରକ (ଓଆର ୧୦ଇ ୩୮୦୬)ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ସଦର ପୋଲିସ ଗାଡି ଯାଞ୍ଚ କରି ଜାତୀୟ ରାଜପଥ-୩୨୬ର ପାତ୍ରପୁଟ ଛକରେ ଧରିଥିଲା। ଡ୍ରାଇଭର ଫେରାର ରହିଥିବା ବେଳେ ୧୧୨୮କେଜି ୧୬୦ ଗ୍ରାମ ଗଞ୍ଜେଇ ଓ ଗାଡି ଜବତ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# କାମରେ ଲାଗୁନି ଏଟିଏମ୍, ଲୋକେ ଅସନ୍ତୁଷ୍ଟ




ସେମିଳିଗୁଡ଼ା/ସୁନାବେଡ଼ା,୧୬।୧୦
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାହକଙ୍କ ସୁବିଧା ପାଇଁ ସେମିଳିଗୁଡ଼ା ଗଙ୍ଗା ମା' ମନ୍ଦିର ପାଖରେ କିଛି ବର୍ଷ ତଳେ ଏକ ଏଟିଏମ୍ ସ୍ଥାପନ ହୋଇଥିଲା। ଏହି ମେଶିନଟି ପୂର୍ବରୁ ଜାତୀୟ ରାଜପଥ ପତ୍ତନରେ ଥିଲା। ତେଣୁ ସାଧାରଣ ଲୋକଙ୍କ ସହ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତି ସୁବିଧାରେ ଏହାକୁ ବ୍ୟବହାର କରିପାରୁ ଥିଲେ। ପରେ ଏହି ଏଟିଏମ୍ ସମ୍ମୁଖରେ ଏକ ଡ୍ରେନ୍ ତିଆରି ହେବାରୁ ତାହା ରାସ୍ତା ପତ୍ତନଠାରୁ ଉଚ୍ଚରେ ରହିଗଲା। ଏହାଦ୍ୱାରା ସାଧାରଣ ଜନତାଙ୍କ ଅପେକ୍ଷା ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତି ଏହାକୁ ବ୍ୟବହାରରୁ ବଞ୍ଚିତ ହେଲେ। ବର୍ତ୍ତମାନ ସମୟରେ ଏହା ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିସ୍ଥଳେ ଏହା କେବଳ ଝିଣ୍ଟିକା ମାରି ବଣି ପୋଷିବା ସଦୃଶ ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଏଟିଏମ୍ ପାଇଁ ପ୍ରତିମାସ ବହୁ ହଜାର ଟଙ୍କା ଖର୍ଚ୍ଚ କରୁଥିଲେ ବି ଏହା ଲୋକମାନଙ୍କ କାମରେ ଆସୁ ନ ଥିବାରୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ଉପଯୋଗକ୍ଷମ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସେମିଳିଗୁଡ଼ା ଶାଖାର ମୁଖ୍ୟ ପରିଚାଳକ ଶୁଭଶ୍ରୀ ପ୍ରସାଦଙ୍କୁ ପଚାରିବାରୁ ଆପଣଙ୍କଠାରୁ ଏଟିଏମ୍‌କୁ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଲି। ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି ।

# ନବୀନଙ୍କ ଜନ୍ମଦିନରେ ରୋଗୀଙ୍କୁ ଫଳ ବଣ୍ଟନ


ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

ମୁନିଗୁଡା,୧୬।୧୦(ନନ୍ଦକିଶୋର ପଟ୍ଟନାୟକ)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ମୁନିଗୁଡ଼ା ବିଜେଡି ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ଏହି ଅବସରରେ ମୁନିଗୁଡ଼ା ବିଜେଡି ବ୍ଲକ୍ ସଭାପତି ରତନଲାଲ ଜୈନ ଓ ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦାୟିତ୍ୱରେ ଥିବା ମେଡିକାଲ ଅଫିସର ଅନିଲ କୁମାର ବେହେରାଙ୍କ ଉପସ୍ଥିତିରେ ସେଠାରେ ଚିକିତ୍ସିତ ହେଉଥିବା ରୋଗୀ ଓ ଗର୍ଭବତୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ସଙ୍ଗଠକ ବୃନ୍ଦାବନ ପାଢ଼ୀ, ପିଙ୍କୁ ପାତ୍ର,ରମେଶ କନ୍ଦପାଣି, ବ୍ଲକ୍ ବିଜୁ ଯୁବ ଜନତା ଦଳ ସଭାପତି ସୀମାଞ୍ଚଳ ଦାସ, ବୁବୁନା ବେହେରା ଯୁବନେତା ସ୍ୱଗତସ୍ୱମ୍ୟ ଲେଙ୍କା, ଗଙ୍ଗା ଦଳେଇଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

# ଗ୍ରାଚୁଇଟି ବୃଦ୍ଧିକୁ ନିନ୍ଦାକଲା ଓଡ଼ିଶା ଅମଲା ସଂଘ

ଜୟପୁର,୧୬।୧୦(ପବନ ପାଣିଗ୍ରାହୀ)

ରାଜ୍ୟ ସରକାର କର୍ମଚାରୀମାନଙ୍କ ଗ୍ରାଚୁଇଟି ବୃଦ୍ଧିକୁ ଓଡ଼ିଶା ଅମଲା ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଜୟପୁର ପାୱାର ହାଉସରେ ରାଜ୍ୟ ଉପସଭାପତି ବୁଧବାର ଉପସ୍ଥିତ ରହି ଏହାକୁ ଭିତ୍ତିହୀନ କହିବା ସହ ନିନ୍ଦା କରିଛନ୍ତି। ରାଜ୍ୟ ସରକାର କର୍ମଚାରୀମାନଙ୍କ ଗ୍ରାଚୁଇଟି ୧୫ ଲକ୍ଷରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାକୁ ପିଛିଲା ଭାବେ ଜାନୁଆରୀ ୧ରୁ ଲାଗୁ କରିବା ପାଇଁ ଘୋଷଣା କରିଥିଲେ। ଏ ନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ତରଫରୁ ଏକ ବିଜ୍ଞପ୍ତି ପତ୍ର(୨୮୬୨୪) ଅକ୍ଟୋବର ୯ ତାରିଖରେ ପ୍ରକାଶ ପାଇଥିଲା। ଏହା ସରକାରୀ ସେବା ସଙ୍ଗଠନଗୁଡିକର ଅନୁରୋଧକ୍ରମେ ଲାଗୁକରାଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଅମଲା ସଂଘ ପକ୍ଷରୁ କୁହାଯାଇଛି। ଜଣେ କର୍ମଚାରୀଙ୍କର ମୂଳ ଦରମା ୬୦ ହଜାର ହେଲେ ମଧ ସେ ସରକାରଙ୍କ ଘୋଷଣା ମୁତାବକ ଗ୍ରାଚୁଇଟି ପାଇବେ ନାହିଁ କାରଣ ସରକାରୀ ହିସାବ ଅନୁଯାୟୀ ଗ୍ରାଚୁଇଟିର ପରିମାଣ ୧୪ଲକ୍ଷ ୮୫ ହଜାର ଟଙ୍କା ହେଉଛି। ଏଥିରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ୩ୟ ଶ୍ରେଣୀ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ଗ୍ରାଚୁଇଟି ପାଇବାରୁ ବଞ୍ଚିତ ହେବା ବେଳେ କେବଳ ଅଧିକାରୀମାନେ ଲାଭବାନ୍ ହେବେ। ଏହାକୁ ରାଜ୍ୟର ସମସ୍ତ ସଙ୍ଗଠନ ଯଥା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ଓଡ଼ିଶା ଅମଲା ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ,ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା ସଭାପତି ତଥା ରାଜ୍ୟ ଉପସଭାପତି ଶଶିଭୂଷଣ ଦାଶ ନିନ୍ଦା କରିବା ସହ ବିରୋଧ କରିଛନ୍ତି। ସମସ୍ତ କର୍ମଚାରୀଙ୍କର ଗ୍ରାଚୁଇଟି ୨୦ ଲକ୍ଷକୁ ବୃଦ୍ଧିକଲେ ସବୁ ଅଣଗେଜେଟେଡ୍ କର୍ମଚାରୀ ଉପକୃତ ହେବେ ବୋଲି ସଭାପତି ଦାଶ କହିଛନ୍ତି। ଅଧିକାରୀମାନେ ଅଣଗେଜେଟେଡ୍ କର୍ମଚାରୀମାନଙ୍କ ତୁଳନାରେ ଢେର୍ ଗୁଣ ଅଧିକ ଦରମା ପାଇବା ସହ ଅନ୍ୟାନ୍ୟ ସୁବିଧା ଉପଭୋଗ କରୁଛନ୍ତି। ଅନ୍ୟପକ୍ଷରେ ଜଣେ ଅଣଗେଜେଟେଡ୍ କର୍ମଚାରୀ ସରକାରଙ୍କଠାରୁ ଯେତେ ଘରଭଡ଼ା ପାଉଛି ତା'ଠାରୁ ୩ ରୁ ୪ ଗୁଣ ଅଧିକ ଦେଇ ଭଡ଼ାଘରେ ରହୁଛନ୍ତି। ଦରମା କମ୍ ପାଉଥିବାରୁ ବିଭିନ୍ନ ପ୍ରକାର ଋଣରେ ବୁଡ଼ି ରହୁଛନ୍ତି। ତେଣୁ ସରକାର ଯଦି ଅବସର ପରେ ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କୁ ୨୦ ଲକ୍ଷ ଟଙ୍କା ଗ୍ରାଚୁଇଟି ପ୍ରଦାନ କରିବା ଆବଶ୍ୟକ ବୋଲି ଅମଲା ସଂଘ ସଦସ୍ୟମାନେ କହିଛନ୍ତି।

# ଜୟପୁରରେ ଗଜଲକ୍ଷ୍ମୀ ପୂଜା


ବାଙ୍କମଠ ପୂଜାମଣ୍ଡପ।

ଜୟପୁର,୧୬।୧୦(ପବନ ପାଣିଗ୍ରାହୀ)

ଜୟପୁର ରାଜାନହର ଛକ ଓ ବାଙ୍କମଠରେ ଗଜଲକ୍ଷ୍ମୀ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖରୁ ଆରମ୍ଭ ହୋଇଥିବା ୨୨ ତାରିଖ ପର୍ଯ୍ୟନ୍ତ ରାଜନହର ଛକରେ ପୂଜା ଅନୁଷ୍ଠିତ ହେବ। ବୁଧବାରଠାରୁ ୧୧ ଦିନ ଯାଏ ବାଙ୍କମଠ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ପାଇବେ। କୁଙ୍କୁମ ପୂଜା ସହ ସନ୍ଧ୍ୟାରେ ସାମୁହିକ ଦୀପଦାନ କରାଯିବ। ଦୈନିକ ମା'ଙ୍କ ନିକଟରେ ସ୍ୱତନ୍ତ୍ର ପୂଜା,ହୋମ,ଯଜ୍ଞ, ଆଳିତ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ପୁଞ୍ଜିସିଲ ପର୍ଯ୍ୟଟନସ୍ଥଳରୁ ଲୁଟ ଘଟଣା: ୪ ଗିରଫ

କୋରାପୁଟ,୧୬।୧୦(ଅମିତାଭ ବେହେରା)

## ମୋବାଇଲ ଫୋନ୍,ଟଙ୍କା ଜବତ



କୋରାପୁଟ ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ଼ ପୁଞ୍ଜିସିଲ ପର୍ଯ୍ୟଟନସ୍ଥଳୀରୁ ପର୍ଯ୍ୟଟକଙ୍କ ସାମଗ୍ରୀ ଲୁଟିବା ଘଟଣାରେ ଜଡିତ ୪ ଜଣଙ୍କୁ ବୁଧବାର ଗିରଫ କରାଯାଇଛି। କୋରାପୁଟ ସଦର ଥାନା ଅଧିକାରୀ ରୁନୁ ମାଝୀ ଓ ୮ ଜଣିଆ ସଦର ପୋଲିସ ପର୍ଯ୍ୟଟକ ବେଶରେ ୪ ଅଭିଯୁକ୍ତଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ଟଙ୍କା,ମୋବାଇଲ ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଅତିରିକ୍ତ ଏସ୍‌ପି ଶ୍ରୀକାନ୍ତ ବେହେରା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ୪ ଜଣ ହେଲେ ସଦର ଥାନାର ରୁଞ୍ଜାଗୁଡା ଗ୍ରାମର ରଞ୍ଜିତ ଟାକ୍ରୀ(୧୯),ରିଙ୍କୁ ଖୋସଲା(୨୦),ଦାମନଯୋଡି ମାଥାଲପୁଟ ଅଞ୍ଚଳର ସୁନୀଲ ବାରିକ(୩୮)ଙ୍କ ସହ ଜଣେ ଜୁବେନାଲ ରହିଥିବା ସଦର ପୋଲିସ ଥାନା ଅଧିକାରୀ ରୁନୁ ମାଝୀ ପ୍ରକାଶ କରିଛନ୍ତି। ଏ ନେଇ ସଦର ଥାନାରେ ୭୭/୨୪ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, କୋରାପୁଟ ସଦର ଥାନା ଅନ୍ତର୍ଗତ ପୁଞ୍ଜିସିଲ ପର୍ଯ୍ୟଟନସ୍ଥଳୀକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେଗାଡି,ମିନି ବସ ଓ କାର ଆଦି ରଖି ଯାଉଥିବା ବେଳେ ଏହାର ସୁଯୋଗ ନେଇ ଲୁଟେରାମାନେ କାର କାଚ ଭାଙ୍ଗି ଟଙ୍କା,ମୋବାଇଲ,ଭେନିଟ ବ୍ୟାଗ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରି ନେଉଛନ୍ତି। ଗତ ୩ ଦିନ ମଧ୍ୟରେ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଜଗତପୁର ଅଞ୍ଚଳର ପ୍ରଣବ ଆନନ୍ଦ ଜେନା ପ୍ରଥମେ ଗତ ୧୪ ତାରିଖରେ କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ ସମ୍ପୃକ୍ତ ଅଞ୍ଚଳରେ ଚଢ଼ାଉ କରି ୪ ଅଭିଯୁକ୍ତଙ୍କୁ ଧରିଥିଲା। ଜିଲାର ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରିବାକୁ ଦାବି କରାଯାଇଛି।

